# ଭାରତ-ୟୁରୋପୀୟ ସଂଘ ଶକ୍ତି ପ୍ୟାନେଲର ଦଶମ ବୈଠକ ଏବଂ ସ୍ୱଚ୍ଛ ଶକ୍ତି ଏବଂ ଜଳବାୟୁ ଭାଗିଦାରୀର ତୃତୀୟ ପର୍ଯ୍ୟାୟ

ନଭେମ୍ବର ୨୨, ୨୦୨୪

ଭାରତ-ୟୁରୋପୀୟ ସଂଘ ଶକ୍ତି ପ୍ୟାନେଲର ଦଶମ ବୈଠକ ୨୦୨୪ ନଭେମ୍ବର ୨୧ ରେ ବ୍ରସେଲ୍ସରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସଚିବ (ପଶ୍ଚିମ) ଶ୍ରୀ ତନ୍ମୟ ଲାଲ ଏବଂ ୟୁରୋପୀୟ ଆୟୋଗର ଶକ୍ତି ମହାନିର୍ଦ୍ଦେଶକ ଡିଟେ ଜୁଲ୍ ଜୋର୍ଗେନସେନ୍ ମିଳିତ ଭାବେ ଅଧକ୍ଷତା କରିଥିଲେ। ଏହି ବୈଠକରେ ଭାରତ ପକ୍ଷରୁ ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ ଏବଂ ଶକ୍ତି ମନ୍ତ୍ରଣାଳୟର ପ୍ରତିନିଧି ଏବଂ ୟୁରୋପୀୟ ସଂଘ ପକ୍ଷରୁ ଶକ୍ତି ମହାନିର୍ଦ୍ଦେଶାଳୟ ଏବଂ ଜଳବାୟୁ କାର୍ଯ୍ୟ ମହାନିର୍ଦ୍ଦେଶାଳୟ, ୟୁରୋପୀୟ ଆୟୋଗର ପ୍ରତିନିଧିମାନେ ମଧ୍ୟ ଯୋଗ ଦେଇଥିଲେ।

ଶକ୍ତି ପ୍ୟାନେଲ ଉଭୟ ପକ୍ଷର ଶକ୍ତି ପରିବର୍ତ୍ତନ ପ୍ରାଥମିକତା ଉପରେ ଗୁରୁତ୍ୱ ାରୋପ କରିଥିଲା ଏବଂ ଭାରତ-ୟୁରୋପୀୟ ସଂଘ ସ୍ୱଚ୍ଛ ଶକ୍ତି ଏବଂ ଜଳବାୟୁ ଭାଗିଦାରୀ 2021-2024 ର ଦ୍ୱିତୀୟ ପର୍ଯ୍ୟାୟର ସଫଳତା ର ସମୀକ୍ଷା କରିଥିଲା । ଉଭୟ ପକ୍ଷ ୯ଟି କ୍ଷେତ୍ରରେ ବିଭକ୍ତ ୫୧ଟି କାର୍ଯ୍ୟକଳାପରେ ବୈଷୟିକ ସହଯୋଗ କୁ ନେଇ ମିଳିତ ପଦକ୍ଷେପ ଗ୍ରହଣ କରିଥିଲେ ଏବଂ ଶେଷ କରିଥିଲେ ।

ଉଭୟ ପକ୍ଷ ସବୁଜ ହାଇଡ୍ରୋଜେନ ସହଯୋଗ ପାଇଁ ଢାଞ୍ଚା ମଧ୍ୟ ପ୍ରସ୍ତୁତ କରିଛନ୍ତି, ଯେଉଁଥିରେ ଭାରତ ଏବଂ ୟୁରୋପୀୟ ସଂଘର ସବୁଜ ହାଇଡ୍ରୋଜେନ ନୀତି ଉପରେ ସହଯୋଗ ଅନ୍ତର୍ଭୁକ୍ତ । ୟୁରୋପୀୟ ସଂଘ ଏବଂ ୟୁରୋପୀୟ ସଂଘର ସଦସ୍ୟ ରାଷ୍ଟ୍ରମାନେ ଭାରତରେ ସବୁଜ ହାଇଡ୍ରୋଜେନ ଉପରେ ଆନ୍ତର୍ଜାତିକ ସମ୍ମିଳନୀ ୨୦୨୪ରେ ଅଂଶଗ୍ରହଣ କରିଥିବା ବେଳେ ଭାରତ ୟୁରୋପୀୟ ହାଇଡ୍ରୋଜେନ ସପ୍ତାହ ୨୦୨୪ର ଏକ ସ୍ୱତନ୍ତ୍ର ଦେଶ ଅଂଶୀଦାର ଭାବରେ ଯୋଗ ଦେଇଛି । ଜାନୁଆରୀ ୨୦୨୩ରେ ସ୍ଥାପିତ ସ୍ୱଚ୍ଛ ଏବଂ ସବୁଜ ପ୍ରଯୁକ୍ତି ବିଦ୍ୟା ଉପରେ ଭାରତ-ଇୟୁ ବାଣିଜ୍ୟ ଏବଂ ପ୍ରଯୁକ୍ତି ପରିଷଦ କାର୍ଯ୍ୟକାରୀ ଗୋଷ୍ଠୀର ଅଂଶ ଭାବରେ ସ୍ୱଚ୍ଛ ଶକ୍ତି ପ୍ରକଳ୍ପଗୁଡିକରେ ଗବେଷଣାକୁ ମିଳିତ ଭାବରେ ସମର୍ଥନ କରିବା ପାଇଁ ଭାରତ ଏବଂ ୟୁରୋପୀୟ ସଂଘ ଦୀର୍ଘକାଳୀନ ଗବେଷଣା ପ୍ରତିଶ୍ରୁତି ମଧ୍ୟ ପ୍ରଦାନ କରିଛନ୍ତି ।

ଭାରତ-ୟୁରୋପୀୟ ସଂଘ ସ୍ୱଚ୍ଛ ଶକ୍ତି ଏବଂ ଜଳବାୟୁ ଭାଗିଦାରୀ ୨୦୨୫-୨୮ର ତୃତୀୟ ପର୍ଯ୍ୟାୟ ପାଇଁ ଉଭୟ ପକ୍ଷ କାର୍ଯ୍ୟ ଯୋଜନା ଗ୍ରହଣ କରିଛନ୍ତି ଯେଉଁଥିରେ ପାଞ୍ଚଟି ପ୍ରାଥମିକତା କ୍ଷେତ୍ର-

(i) ସବୁଜ ହାଇଡ୍ରୋଜେନ,

(ii) ଉପକୂଳ ପବନ,

(iii) ଆଞ୍ଚଳିକ ଯୋଗାଯୋଗ, ବିଦ୍ୟୁତ ବଜାର ଏକୀକରଣ ଏବଂ ସ୍ମାର୍ଟ ଗ୍ରିଡ୍,

(iv) ଶକ୍ତି ଦକ୍ଷତା ଏବଂ

(v) ଶକ୍ତି ଏବଂ ଜଳବାୟୁ କୂଟନୀତି ରେ ଗଭୀର ସହଯୋଗ ଉପରେ ଗୁରୁତ୍ୱ ଦିଆଯିବ ।

ଉଭୟ ପକ୍ଷ ସବୁଜ ହାଇଡ୍ରୋଜେନ ସହଯୋଗ ପାଇଁ ଏକ ବିସ୍ତୃତ କାର୍ଯ୍ୟସୂଚୀ ସ୍ଥିର କରିଛନ୍ତି ଯେଉଁଥିରେ ଭିତ୍ତିଭୂମି ବିକାଶ ସମ୍ଭାବ୍ୟତା, ନିୟାମକ ଏବଂ ପ୍ରଯୁକ୍ତି ବିଦ୍ୟା ସହଯୋଗ ଏବଂ ଯୋଗାଣ ଶୃଙ୍ଖଳାକୁ ସୁଦୃଢ଼ କରିବା ଅନ୍ତର୍ଭୁକ୍ତ ।

5. ପ୍ୟାନେଲ ଅନ୍ତର୍ଜାତୀୟ ସୌର ମେଣ୍ଟରେ ୟୁରୋପୀୟ ସଂଘ ଏବଂ ୟୁରୋପୀୟ ସଂଘର ସଦସ୍ୟ ରାଷ୍ଟ୍ରଗୁଡ଼ିକର ଅଂଶଗ୍ରହଣକୁ ସ୍ୱାଗତ କରିଛି । ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟ ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସିରେ ସେମାନଙ୍କର ସହଯୋଗକୁ ଦୋହରାଇଥିଲେ ଏବଂ ଜି-୨୦ ର ଢାଞ୍ଚାରେ ସ୍ୱଚ୍ଛ ଶକ୍ତି ଉପରେ ଘନିଷ୍ଠ ଭାବରେ ଜଡ଼ିତ ହେବାକୁ ରାଜି ହୋଇଥିଲେ ।

**ବ୍ରୁସେଲ୍ସ**
**ନଭେମ୍ବର ୨୨, ୨୦୨୪**